# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**16 October– 2026**

---

# ରାଜ୍ୟପାଳ ଶପଥଗ୍ରହଣ

ଓଡ଼ିଶାର ନୂତନ ରାଜ୍ୟପାଳ ଭାବେ ବ୍ରଜମୋହନ ରାମ ଆସନ୍ତା ରବିବାର ଦିନ ଶପଥ ଗ୍ରହଣ କରିବେ । ଭୁବନେଶ୍ୱର ଲୋକଭବନର ନିଉ ଅଭିଷେକ ହଲ୍‌ଠାରେ ଆୟୋଜିତ ହେବାକୁ ଥିବା ଶପଥଗ୍ରହଣ ସମାରୋହରେ ହାଇକୋର୍ଟର ମୁଖ୍ୟବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ୍ ରାଜ୍ୟପାଳଙ୍କୁ ଶପଥପାଠ କରାଇବେ ।

ଅପରପକ୍ଷରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଅବସରରେ ଅଧିକାରୀ ଓ କର୍ମଚାରୀମାନଙ୍କୁ ଡକ୍ଟର କମ୍ଭମପାଟୀ ସହଯୋଗ ଓ ସମର୍ଥନ ପାଇଁ କୃତଜ୍ଞତା ଜଣାଇଥିଲେ ।

---

# ହକି -ସମ୍ବର୍ଦ୍ଧନ ଉତ୍ସବ

ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣପଦକ ଜିତିଥିବା ଭାରତୀୟ ମହିଳା ଓ ପୁରୁଷ ହକି ଦଳ ପାଇଁ ଆଜି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ସମ୍ବର୍ଦ୍ଧନ ଉତ୍ସବ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମରେ ଯୋଗଦେବେ । ଉଭୟ ଦଳ ସ୍ୱର୍ଣ୍ଣପଦକ ଜିତିବା ସହ ୨୦୨୮ ଲସ୍ ଆଞ୍ଜେଲ୍‌ସ ଅଲମ୍ପିକ୍ସ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି ।

---

# କ୍ଷତିପୂରଣ ସମୀକ୍ଷା

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଭୁବନେଶ୍ୱର ରାଜୀବ ଭବନଠାରେ ଚଳିତବର୍ଷର ବନ୍ୟା କ୍ଷୟକ୍ଷତି ଚୂଡ଼ାନ୍ତ ଆକଳନ ଏବଂ କ୍ଷତିପୂରଣ ପ୍ରଦାନ ସଂପର୍କରେ ସମୀକ୍ଷା କରିଛନ୍ତି । ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତଥର ରାଜ୍ୟରେ ସୃଷ୍ଟ ୧୨ଟି ଲଘୁଚାପ ମଧ୍ୟରୁ ୬ଟି ଅବପାତର ରୂପ ନେଇଥିଲା । ଏହାର ପ୍ରଭାବରେ ୨୮ଟି ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଅଧିକ କ୍ଷତିଗ୍ରସ୍ତ ହୋଇଥିଲା । ତେବେ ପ୍ରଭାବିତଙ୍କ ନିକଟରେ କ୍ଷତିପୂରଣ ବଣ୍ଟନ ଶେଷ ହୋଇଛି । ଆସନ୍ତା ୭୨ ଘଣ୍ଟା ମଧ୍ୟରେ ବଳକା କ୍ଷତିପୂରଣ ରାଶି ବଣ୍ଟନ କରାଯିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି ।

# ଛାତ୍ରସଂସଦ ନିର୍ବାଚନ

ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଆଜି ଛାତ୍ର ସଂସଦ ନିର୍ବାଚନରେ ବିଜୟୀ ହୋଇଥିବା ପ୍ରାର୍ଥୀମାନେ ଶପଥ ଗ୍ରହଣ କରିବେ । ଗତକାଲି ନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ହେବା ସହ ଫଳାଫଳ ପ୍ରକାଶ ପାଇଥିଲା । ରାଜ୍ୟର ୩୨୮ଟି ମହାବିଦ୍ୟାଳୟ ଏବଂ ୧୩ଟି ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ପାଇଁ ୬ ହଜାରୁ ଅଧିକ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ।

## ହାଇକୋର୍ଟ ଛୁଟି

ଓଡ଼ିଶା ହାଇକୋର୍ଟର ଦଶହରା ଅବକାଶ ଆସନ୍ତା ୧୯ ତାରିଖରୁ ଆରମ୍ଭ ହୋଇ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ସମୟ ମଧ୍ୟରେ ୨୩ ତାରିଖରେ ଅବକାଶ କାଳୀନ ଅଦାଲତ ବସିବ ବୋଲି ହାଇକୋର୍ଟଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି । ଏହା ସହ ଦୁର୍ଗାପୂଜା ଛୁଟି ସମୟରେ ୨୩ ତାରିଖରେ ଓଡ଼ିଶା ହାଇକୋର୍ଟରେ ଜରୁରୀ ମାମଲାଗୁଡ଼ିକର ଶୁଣାଣି ହେବ । ଏଥିପାଇଁ ୨ଟି ଖଣ୍ଡପୀଠ କାର୍ଯ୍ୟ କରିବ ।

---

## ପୌରାଞ୍ଚଳ ପ୍ରସ୍ତୁତି ସମୀକ୍ଷା

ଦୁର୍ଗାପୂଜା ସମୟରେ ସହରଗୁଡ଼ିକୁ ସ୍ୱଚ୍ଛ, ସୁରକ୍ଷିତ ଓ ସୁବ୍ୟବସ୍ଥିତ ରଖିବା ନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ପୌରାଞ୍ଚଳର ପ୍ରସ୍ତୁତି ସମୀକ୍ଷା କରିଛନ୍ତି । ଏଥିରେ ଲଘୁଚାପ ଜନିତ ବର୍ଷାର ପୂର୍ବାନୁମାନକୁ ଦୃଷ୍ଟିରେ ରଖି ଜଳବନ୍ଦୀ ରୋକିବା ପାଇଁ ଆଗୁଆ ପଦକ୍ଷେପ ଉପରେ ଗୁରୁତ୍ୱ ଦିଆଯାଇଥିଲା । ପୂଜାମଣ୍ଡପ ଓ ସର୍ବସାଧାରଣ ସ୍ଥାନରେ ଅଗ୍ନି ନିରାପତ୍ତା ସୁନିଶ୍ଚିତ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ ।

---

## ଶିମିଳିପାଳ

ମୟୂରଭଞ୍ଜ ଜିଲ୍ଲାସ୍ଥିତ ଶିମିଳିପାଳ ଜାତୀୟ ବ୍ୟାଘ୍ର ଅଭୟାରଣ୍ୟ ପର୍ଯ୍ୟଟକଙ୍କ ପାଇଁ ଆସନ୍ତା ପହିଲାରୁ ଖୋଲିବ । ଏ ନେଇ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡକ୍ଟର ପ୍ରକାଶ ଗୋଗିନେନି ବିଜ୍ଞପ୍ତି ଜାରି କରିଛନ୍ତି ।

ଏଥିସହ ପର୍ଯ୍ୟଟକଙ୍କ ଦିବା ଭ୍ରମଣ, ଜଙ୍ଗଲ ସଫାରୀ ଓ ରାତ୍ରୀ ଯାପନ ପାଇଁ ନିୟମାବଳୀ ଜାରି କରାଯାଇଛି ।

## ନବରାତ୍ରୀ ପୂଜାର୍ଚ୍ଚନା

ନବରାତ୍ରିର ଷଷ୍ଠ ଦିବସରେ ଆଜି ବିଭିନ୍ନ ଶକ୍ତି ପୀଠରେ ରୀତିନୀତି ସହ ପୂଜାର୍ଚ୍ଚନା ସାଙ୍ଗକୁ ମାଆଙ୍କୁ କାତ୍ୟାୟନୀ ବେଶରେ ପୂଜା କରାଯାଉଛି । ଦେବୀ ସିଂହବାହନରେ ବିରାଜମାନ କରିଥାନ୍ତି । ମାଆଙ୍କ ହାତରେ ଦିବ୍ୟ ଅସ୍ତ୍ରଶସ୍ତ୍ର ଶୋଭା ପାଇଥାଏ ।

ଭଦ୍ରକ ଜିଲ୍ଲା ଆରଡିର ବାବା ଆଖଣ୍ଡଳମଣୀଙ୍କ ପୀଠରେ  ଆଜି ବାବାଙ୍କୁ ଯୋଗୀ ଦିଗମ୍ବର ବଡ଼ସିଂହାର ବେଶରେ ସଜ୍ଜିତ କରାଯାଇଥିବା ବେଳେ ଦେବୀ ଜୟଦୁର୍ଗାଙ୍କର ମହାସରସ୍ୱତୀ ବେଶ ଅନୁଷ୍ଠିତ ହୋଇଛି ।

## ତାଲିମ ଶିବିର

ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପକ୍ଷରୁ ଅଗ୍ନିବୀର ଆଶାୟୀଙ୍କ ନିମନ୍ତେ ୧୦ ଦିନ ଧରି ଚାଲିଥିବା ତାଲିମ ଶିବିର ଉଦ୍‌ଯାପିତ ହୋଇଛି । ଏଥିରେ ୩୦ଜଣ ଆଶାୟୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା ।

## ଆର୍ଥିକ ସହାୟତା

ନବରଙ୍ଗପୁର କୋଷାଗୁମୁଡ଼ା ପଞ୍ଚାୟତ ସମିତିରେ ବନ୍ୟା କ୍ଷତିଗ୍ରସ୍ତ ୧ହଜାର ୪୧ ପରିବାରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀଶଙ୍କର ମାଝୀ ଏହି ସହାୟତା ପ୍ରଦାନ କରିଥିଲେ ।

---

# ବୈଠକ

ଢେଙ୍କାନାଳ ଜିଲ୍ଲାରେ ସଡ଼କ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା ଓ ଦୁର୍ଘଟଣା ରୋକିବା ଲାଗି ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଡ଼କ ସୁରକ୍ଷା, ଆଲୋକୀକରଣ ଓ ଜଳନିଷ୍କାସନ ସମସ୍ୟା ଉପରେ ଆଲୋଚନା ହୋଇଥିଲେ ।

## ବିଶ୍ୱ ଖାଦ୍ୟ ଦିବସ

ସମସ୍ତଙ୍କ ପାଇଁ ଖାଦ୍ୟ ନିରାପତ୍ତାର ଗୁରୁତ୍ୱକୁ ଉପଲବ୍ଧି କରି ଆଜି ବିଶ୍ୱ ଖାଦ୍ୟ ଦିବସ ପାଳନ କରାଯାଉଛି। କ୍ଷୁଧା ନିବାରଣକୁ ଦୃଷ୍ଟିରେ ରଖି ସରକାରୀ ସ୍ତରରେ ନିଆଯାଉଥିବା ଅନେକ ପଦକ୍ଷେପ ସମ୍ପର୍କରେ ଜନସଚେତନତା ବୃଦ୍ଧି ଏହି ଦିବସ ପାଳନର ଉଦ୍ଦେଶ୍ୟ। ଚଳିତବର୍ଷର ବାର୍ତ୍ତା ରହିଛି **'ଆଜିର ନବସୃଜନ ଆସନ୍ତାକାଲିର ପୋଷଣ'**।

---

# ପାଣିପାଗ

ଚଳିତମାସ ଶେଷ ସପ୍ତାହ ବେଳକୁ ବଙ୍ଗୋପସାଗରରେ ଏବଂ ଆରବସାଗରରେ ପୃଥକ ଭାବେ ୨ଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ

କରାଯାଇଛି । ଅପରପକ୍ଷରେ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଦେଶରୁ ସଂପୂର୍ଣ୍ଣ ଭାବେ ପ୍ରତ୍ୟାବର୍ତ୍ତନ କରିଛି । ଏହାର ପ୍ରଭାବରେ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ହୋଇଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

---

## ଫୁଟ୍‌ବଲ

ସୁବର୍ଣ୍ଣପୁରଠାରେ ଚାଲିଥିବା ପ୍ରଥମ ଓଡ଼ିଶା ରାଜ୍ୟସ୍ତରୀୟ ୧୪ ବର୍ଷରୁ କମ୍ ବାଳକ ବିଦ୍ୟାଳୟ ସମୂହ ଫୁଟବଲ ପ୍ରତିଯୋଗିତାରେ ୪ଟି ଶିକ୍ଷା ଜିଲ୍ଲା ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ନୂଆପଡ଼ା ଦଳ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଗାନ୍ଧି ଷ୍ଟାଡିୟମ୍‌ଠାରେ ଆଜି ସେମିଫାଇନାଲ୍ ଓ ଫାଇନାଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ ।

---